ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

ବନାମ

ସୁକାନ୍ତି ଦେବୀ

ଡିସେମ୍ବର 2, 1996

[କେ. ରାମାସ୍ୱାମୀ ଏବଂ ଜି.ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ – ଭବିଷ୍ୟତର ଏକ ଖାଲି ପଦବୀ ବିରୁଦ୍ଧରେ ନିଯୁକ୍ତି ପାଇଁ ନ୍ୟାୟାଧିକରଣ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ – ବୈଧତା – ଓଡ଼ିଶା ରାଜ୍ୟ – ଏମ୍.ଇ ବିଦ୍ୟାଳୟଗୁଡ଼ିକ – ଉତ୍ତରଦାତାଙ୍କୁ ହିନ୍ଦୀ ଶିକ୍ଷକ ଭାବରେ ତୃତୀୟ ପଦବୀରେ ନିଯୁକ୍ତ କରାଯାଇଥିଲା ଯାହା ଏକ ମଞ୍ଜୁରିପ୍ରାପ୍ତ ପଦବୀ ନଥିଲା – ଏପରି ନିଯୁକ୍ତିର ଆବଶ୍ୟକତା ପରିଚାଳନାବର୍ଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନୁହେଁ – ମଇ 1, 1992 ର ସରକାରୀ ନିର୍ଦ୍ଦେଶାବଳୀ – ନିର୍ଦ୍ଦେଶ ଯେ, ଏମ୍. ଇ. ବିଦ୍ୟାଳୟରେ ହିନ୍ଦୀ ଏକ ଅଣ-ପରୀକ୍ଷାଯୋଗ୍ୟ ବିଷୟ ହୋଇଥିବାରୁ, ଏମ୍. ଇ. ବିଦ୍ୟାଳୟରେ ବିଦ୍ୟମାନ ହିନ୍ଦୀ ଶିକ୍ଷକମାନଙ୍କୁ ଆହୁରି ଜାରି ରଖିବା ପାଇଁ ଅନୁମତି ଦେବାର କୌଣସି ଆବଶ୍ୟକତା ନାହିଁ – ଦର୍ଶାଯାଇଛି, ଭବିଷ୍ୟତରେ ଖାଲି ପଦବୀ ବିରୁଦ୍ଧରେ ଉତ୍ତରଦାତାଙ୍କୁ ନିଯୁକ୍ତ କରିବାକୁ ନ୍ୟାୟାଳୟଙ୍କ ଦ୍ୱାରା ଜାରି ନିର୍ଦ୍ଦେଶ ସଠିକ ନଥିଲା ।*

ଦେୱାନୀ ଅପିଲ କ୍ଷେତ୍ରାଧିକାର: ଦେୱାନୀ ଅପିଲ ସଂଖ୍ୟା 15712/1996 ।

ଓ.ଏ. ସଂଖ୍ୟା 1499/1993ରେ ଓଡ଼ିଶାର କଟକସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର 2.3.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ସୁଶ୍ରୀ କୀର୍ତ୍ତି ମିଶ୍ର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ମାର୍ଚ୍ଚ 2, 1995ରେ ଓଏ ସଂଖ୍ୟା 1499/93ରେ କରାଯାଇଥିବା ଏହି ଅପିଲ କଟକ ସ୍ଥିତ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣର ଆଦେଶରୁ ଉତ୍ପନ୍ନ ହୋଇଛି । ଯଦିଓ ସେପ୍ଟେମ୍ବର 30, 1996 ତାରିଖରେ ଉତ୍ତରଦାତାଙ୍କୁ ବିଜ୍ଞପ୍ତି ଦ୍ୱାରା ଅବଗତ କରାଯାଇଥିଲା, ତଥାପି ସେ ହାଜର ହୋଇନଥିଲେ । ତେଣୁ, ଆମେ 28 ଅକ୍ଟୋବର 1996 ତାରିଖର କାର୍ଯ୍ୟପନ୍ଥା ଦ୍ୱାରା ମାମଲାକୁ ସ୍ଥଗିତ ରଖିଥିଲୁ, ଏହା ଦେଖିବା ପାଇଁ ଯେ, ସେ ହାଜର ହଉଛନ୍ତି କି ଅଧିବକ୍ତାଙ୍କ ମାଧ୍ୟମରେ ପ୍ରତିନିଧିତ୍ୱ କରୁଛନ୍ତି । ଆଜି ମଧ୍ୟ ସେ ହାଜର ହୋଇନାହାନ୍ତି ।

ଏକମାତ୍ର ପ୍ରଶ୍ନ ହେଉଛି, ଭବିଷ୍ୟତରେ ତାଙ୍କୁ ଖାଲି ପଦବୀରେ ନିଯୁକ୍ତି ଦେବା ପାଇଁ ନ୍ୟାୟାଧିକରଣ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ଆଇନରେ ବୈଧ କି? ଏହା ଦେଖାଯାଉଛି ଯେ, ତୃତୀୟ ଉତ୍ତରଦାତା ହିନ୍ଦୀ ଶିକ୍ଷକ ଭାବରେ ତୃତୀୟ

ପଦବୀରେ ନିଯୁକ୍ତି ପାଇବାକୁ ଆସିଥିଲେ ଯାହା ମଞ୍ଜୁରିପ୍ରାପ୍ତ ପଦବୀ ନଥିଲା; କିମ୍ବା ଏପରି ନିଯୁକ୍ତିର ଆବଶ୍ୟକତା ପରିଚାଳନାକର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱୀକୃତି ପାଇନଥିଲା । ଏହା ମଧ୍ୟ କୁହାଯାଇଛି ଯେ, ସେ ଏହି ପଦବୀ ପାଇଁ ଯୋଗ୍ୟ ନଥିଲେ । ଆମେ ତାଙ୍କ ଯୋଗ୍ୟତା ପ୍ରଶ୍ନ ଭିତରକୁ ଯିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ହେବ ଯେ, ସରକାର ସେମାନଙ୍କର ମଇ 1, 1992 ତାରିଖର ଚିଠିରେ ନିମ୍ନମତେ ଉଲ୍ଲେଖ କରିଛନ୍ତି:

> "ମୁଁ ଶିକ୍ଷା ବିଭାଗର 17.3.1992 ତାରିଖର ଚିଠି ସଂଖ୍ୟା 13409କୁ ଆପଣଙ୍କ ଦୃଷ୍ଟି ଆକର୍ଷଣ କରି ସୂଚିତ କରୁଛି ଯେ, ହିନ୍ଦୀ ଏମ୍.ଇ. ବିଦ୍ୟାଳୟଗୁଡ଼ିକରେ ଏକ *ଅଣ-ପରୀକ୍ଷାଯୋଗ୍ୟ* ବିଷୟ ହୋଇଥିବାରୁ, ଏମ୍.ଇ. ବିଦ୍ୟାଳୟଗୁଡ଼ିକରେ ବିଦ୍ୟମାନ ହିନ୍ଦୀ ଶିକ୍ଷକମାନଙ୍କୁ ଆଗକୁ କାର୍ଯ୍ୟ କରିବା ଜାରି ରଖିବାକୁ ଅନୁମତି ଦେବାର କୌଣସି ଆବଶ୍ୟକତା ନାହିଁ । ତେଣୁ, ନିଷ୍ପତ୍ତି ନିଆଯାଇଥିଲା ଯେ, ଏମ୍.ଇ. ବିଦ୍ୟାଳୟରେ ଥିବା ସେହି ହିନ୍ଦୀ ଶିକ୍ଷକମାନେ ଯେଉଁମାନଙ୍କର ମାଟ୍ରିକ୍ ସି.ଟି. ଯୋଗ୍ୟତା ଥିବ, ସେମାନେ ଏମ୍.ଇ. ବିଦ୍ୟାଳୟରେ ତୃତୀୟ ଶିକ୍ଷକ ପଦବୀରେ ଅନ୍ତର୍ଭୁକ୍ତ ହେବେ । ଯଦି ସେମାନଙ୍କ ମଧ୍ୟରୁ କାହାର ...... ସି.ଟି. ଯୋଗ୍ୟତା ନାହିଁ, ତେବେ ତାଙ୍କୁ ଗ୍ରୀଷ୍ମ ଛୁଟି ସୁଦ୍ଧା ସେବା ପ୍ରାର୍ଥୀ ଭାବରେ ସି.ଟି. ଯୋଗ୍ୟତା ହାସଲ କରିବାର ସୁଯୋଗ ଦିଆଯିବା ଉଚିତ ...... ସେ ପର୍ଯ୍ୟନ୍ତ ତାଙ୍କୁ ଅଣପ୍ରଶିକ୍ଷିତ ଦରମା ହାର ପ୍ରଦାନ କରାଯିବ । ଯଦି କେହି ଅଣ-ମାଟ୍ରିକ ହୁଅନ୍ତି, ତେବେ ତାଙ୍କୁ ସମାନ ସି.ଟି. ଯୋଗ୍ୟତା ହାସଲ କରିବାର ସୁଯୋଗ ଦିଆଯିବା ଉଚିତ । ପୂର୍ବ କ୍ଷେତ୍ରରେ, ନିର୍ଦ୍ଦେଶ ଜାରି କରିବା ପାଇଁ ତିନି ବର୍ଷ ମଧ୍ୟରେ ଯୋଗ୍ୟତା ଅର୍ଜନ କରାଯିବ ଏବଂ ଅଣ-ମାଟ୍ରିକ କ୍ଷେତ୍ରରେ ଯୋଗ୍ୟତା ପାଞ୍ଚ ବର୍ଷ ମଧ୍ୟରେ ଅର୍ଜନ କରାଯିବା ଉଚିତ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ନ୍ୟାୟାଧିକରଣ ଏହି ନିର୍ଦ୍ଦେଶ ଦେବାରେ ଠିକ ନଥିଲେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. — ଅପିଲକୁ ଅନୁମତି ଦିଆଗଲା ।

## <u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

<u>ଅନୁବାଦକ</u>
ସତ୍ୟରଞ୍ଜନ ସାମଲ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ